ଓଡିଶା ସରକାର

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**

*********

**ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୨୧ ର ଅଧିନିୟମ ୧ ଅନୁଯାୟୀ ଜାରି ସର୍ବସାଧାରଣ ନୋଟିସ**

---

**ନୋଟିସ ସଂଖ୍ୟା -** ୫୮ **ତାରିଖ-** ୯.୦୨.୨୦୨୦

ଏତଦଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ପ୍ରକାଶିତ ଅଧିସୂଚନା ସଂଖ୍ୟା-୮୭୮୩/୨ ତା-୧୧.୦୬.୨୦୧୮ ରିଖ ଏବଂ ଉକ୍ତ ଆଇନ ଅନ୍ତର୍ଗତ ଧାରା ୧୯ ର ଅଧିନିୟମ ୧ ଦ୍ୱାରା ଜାରି ଘୋଷଣା ପତ୍ର ସଂଖ୍ୟା- ୧୦୦୭୧ ତା-୦୬.୦୭.୨୦୧୯ ରିଖ ଅନୁସାରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- **ନାକାଗେଟ ଠାରୁ କାଟେଣି ରାସ୍ତା ର ଉନ୍ନତିକରଣ (୪ ଥାକିଆ)** ନିମନ୍ତେ ମୌଜା-**ମଲିପଡା**, ଥାନା-ଚନ୍ଦକା, ତହସିଲ-**ଭୁବନେଶ୍ୱର**, ଜିଲ୍ଲା-ଖୋର୍ଦ୍ଧା ରୁ ନିମ୍ନ ତଫସିଲ ମତେ ମୋଟ ଏ. ୦.୩୨୮ ପରିମିତ ବେସରକାରୀ ଜମି ଅଧିଗ୍ରହଣ ହେଉଅଛି । ସେହି ଅଧିଗୃହିତ ହେଉଥିବା ଜମିରେ ଯେଉଁ ମାନଙ୍କର ସ୍ୱାର୍ଥ ନିହିତ ଅଛି ବା ଯେଉଁ ମାନେ ଉକ୍ତ ଜମିରେ ସତ୍ୱବାନ ଅଟନ୍ତି, ସେମାନେ **ରାଜସ୍ୱ ନିରୀକ୍ଷଙ୍କ କାର୍ଯାଳୟ, ପାଇକରାପୁର** ରେ ଆସନ୍ତା ତା ୨୫.୨.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସ୍ୱୟଂ ବା ଏଜେଣ୍ଟ ଦ୍ୱାରା ଉପସ୍ଥିତ ହୋଇ ସେହି ଜମିରେ ଥିବା ତଦ୍ରୁପ ସ୍ୱାର୍ଥ ର ପ୍ରକୃତି, ସେହି ସ୍ୱାର୍ଥ ନିମିତ୍ତ ଥିବା ଦାବିର ବିଶେଷ ବିବରଣୀ ସହ ପ୍ରକାଶିତ ହୋଇଥିବା ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଏବଂ ଉପରୋକ୍ତ ଆଇନ ର ଧାରା ୨୦ ଅନୁଯାୟୀ କୃତ ମାପ ସମ୍ବନ୍ଧରେ ଯଦି କୌଣସି ଆପତ୍ତି ଥାଏ ତେବେ ଉପଯୁକ୍ତ କାଗଜାତ ସହ ତାହା ଜଣାଇବେ ।

**ବି.ଦ୍ର- ଭୂମି ଅନୁସୂଚି ଏଥି ସହ ସଂଲଗ୍ନ ହୋଇଅଛି**

**ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା**

# ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

ଜିଲ୍ଲା- ଖୋର୍ଦ୍ଧା ତହସିଲ- ଭୁବନେଶ୍ୱର ମୌଜା- ମଳିପଡା

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଭୁବନେଶ୍ୱର | ମଳିପଡା | ସହରାଞ୍ଚଳ | ୦୪-୧ | ୯୬୧<br>୯୫୯ | ଏ. ୦.୩୦୦<br>ଏ. ୦.୦୫୫ | ଏ. ୦.୨୩୩<br>ଏ. ୦.୦୫୫ | ବିନୋଦ ଜେନା, ପି-ପଞ୍ଚୁ ଜେନା, ଜାତି-ଖଣ୍ଡାୟତ, ବା-ସାମପୁର |
| | | | | ୩୬୫/ ୨୪୧୪ | ୯୬୩ | ଏ. ୦.୧୦୦ | ଏ. ୦.୦୨୮ | ବାଲୁଙ୍କି ସାହୁ, ପି-ଭଗବାନ ସାହୁ, ଜାତି-ଗୁଡିଆ, ବା-ମାର୍କଣ୍ଡପୁର, ଥାନା-ପୁରୀ ସଦର, ଜିଲ୍ଲା-ପୁରୀ |
| | | | | ୪୯ | ୮୦୬ | ଏ. ୦.୦୫୦ | ଏ. ୦.୦୧୨ | କଳେବର ବଡଜେନା, ପି-ଲକ୍ଷ୍ମଣ ବଡଜେନ, ଜାତି-ମହାଲୟକ, ବା-ମଳିପଡା |

ମୋଟ ଏ. ୦.୩୨୮ ଡିସିମିଲ

ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା